# Akashvani, Sambalpur

## SAMBALPURI NEWS EVENING BULLETIN

## 13 May 2024- 7.02 pm- 7.12 pm.

**********************************************

୧- ଦେଶେ ୪ ନମ୍ବର୍ ଖେପ୍‌ଥି ୯୬ ଟା ଲୋକ୍‌ସଭା ଆସନ୍ ଲାଗି ଶେଷ୍ ହେଲା ଭୋଟ୍ ।

- ଓଡ଼ିଶା ନ ୪ ଟା ଲୋକ୍‌ସଭା ଆସନ୍ ଆର୍ ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଉପର୍‌ବେଲା ୫ ବଜେତକ୍ ୬୨ ଦଶ୍‌ମିକ୍ ୯/୬ ପ୍ରତିଶତ୍ ଭୋଟର୍ ଦେଇଛନ୍ ଭୋଟ୍ ।

୨- ବାହାର୍‌ଲା ସିବିଏସ୍‌ଇ ର ୧୦ ଆଉ ୧୨ କ୍ଲାସ୍‌ର ପରୀକ୍ଷାଫଲ୍ ।

୩- ଆଏବା ହପ୍ତେ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆର୍ କଂଗ୍ରେସ୍ ଦଲର୍ ବରିଷ୍ଠ ନେତାମାନେ ଓଡ଼ିଶା ନ କର୍‌ବେ ଭୋଟ୍ ପ୍ରଚାର୍ ।

ଆଉର୍

୪- କାଲ୍‌ବୈଶାଖୀର୍ ବଲେ ରାଏଜେ କମ୍‌ଲା ତାତି - ଶୁକ୍ରବାର୍‌ନୁ ବଦ୍‌ଲିବା ପାଗ୍ ।

୪ ନମ୍ବର୍ ଖେପ୍ ନିର୍ବାଚନ୍- ଦେଶ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଲୋକ୍‌ସଭା ନିର୍ବାଚନ୍‌ର ୪ ନମ୍ବର୍ ଖେପେ ଆଏଜ୍ ୯ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୯୬ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ଶେଷ୍ ହେଇଛେ । ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଉପର୍‌ବେଲା ୫ ବଜେତକ୍ ଦେଶେ ୬୨ ଦଶ୍‌ମିକ୍ ୩/୧ ପ୍ରତିଶତ୍ ମତଦାନ୍ ହେଇଛେ । ଇତାର୍ ଭିତ୍‌ରେ ସବୁନୁ ଅଏତ୍‌କା ପଶ୍ଚିମବଙ୍ଗ୍ ନ ୭୫ ଦଶ୍‌ମିକ୍ ୬/୬ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ ଆନ୍ଧ୍ରପ୍ରଦେଶ୍ ନ ୬୮ ଦଶ୍‌ମିକ୍ ଶୂନ/୪, ମଧ୍ୟପ୍ରଦେଶ୍ ନ ୬୮ ଦଶ୍‌ମିକ୍ ଶୂନ/୧, ଝାର୍‌ଖଣ୍ଡ୍ ନ ୬୩ ଦଶ୍‌ମିକ୍ ୧/୪, ଓଡ଼ିଶା ନ ୬୨ ଦଶ୍‌ମିକ୍ ୯/୬, ତେଲେଙ୍ଗାନା ନ ୬୧ ଦଶ୍‌ମିକ୍ ୧/୬, ଉତର୍‌ପ୍ରଦେଶ୍ ୫୬ ଦଶ୍‌ମିକ୍ ୩/୫, ବିହାର୍ ନ ୫୪ ଦଶ୍‌ମିକ୍ ୧/୪, ମହାରାଷ୍ଟ୍ର ନ ୫୨ ଦଶ୍‌ମିକ୍ ୪/୯ ଆର୍ ଜାମ୍ମୁ ଆଉ କାଶ୍ମୀର୍ ନ ୩୫ ଦଶ୍‌ମିକ୍ ୭/୫ ପ୍ରତିଶତ୍ ଭୋଟର୍ ମତଦାନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶାର୍ ୪ ଟା ଲୋକ୍‌ସଭା ଆସନ୍ ସହେତେ ଆନ୍ଧ୍ରପ୍ରଦେଶ୍‌ର ୨୫, ତେଲେଙ୍ଗାନା ୧୭, ଉତର୍‌ପ୍ରଦେଶ୍‌ର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ୍ ଆର୍ ପଶ୍ଚିମବଙ୍ଗ୍‌ର ୮ ଲେଖା, ବିହାର୍‌ର ୫ ଟା ଆର୍ ଝାର୍‌ଖଣ୍ଡ୍‌ର ୪ ଟା ସଂସଦୀୟ କ୍ଷେତ୍ର ଲାଗି ଆଏଜ୍ ଭୋଟ୍ ନିଆଯାଇଛେ ।

ପହେଲା ଖେପ୍ ନିର୍ବାଚନ୍ ଆର୍ଏନ୍ୟୁ/ସମ୍ବଲ୍ପୁର୍

ରାଜ୍ୟର୍ ୪ ଟା ଲୋକ୍ସଭା ଆସନ୍ କଳାହାଣ୍ଡି, କୋରାପୁଟ୍, ନବରଙ୍ଗ୍ପୁର୍ ଆର୍ ବ୍ରହ୍ମପୁର୍ ଆଉ ଇ ଆସନ୍ ଅଧିନ୍ଥି ଥିବା ୨୮ ଟା ବିଧାନ୍ସଭା ଆସନ୍ ଲାଗି ମତଦାନ୍ ଶେଷ୍ ହେଇଛେ । ଇ ଖେପେ ସବୁ ମିଶିକରି ୨ ଶହ ୪୩ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍ଫୁ ମିଳିଥିବା ସୂଚ୍ନା ଅନ୍ସାରେ ଉପର୍ବେଲା ୫ ବଜେତକ୍ ରାଏଜେ ୬୨ ଦଶ୍ମିକ୍ ୯/୬ ପ୍ରତିଶତ୍ ମତଦାନ୍ ହେଇଛେ । ଇତାର୍ସହେତେ କେତେ ଜାଗା ନ ମତଦାନ୍ ଚାଲିଛେ ବଲି ସୂଚ୍ନା ମିଲିଛେ । କଳାହାଣ୍ଡି ସଂସଦୀୟ କ୍ଷେତ୍ର ନ ସବୁନୁ ଅଏତ୍କା ୬୭ ଦଶ୍ମିକ୍ ଶୂନ୍/୭ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ ନବରଙ୍ଗ୍ପୁର୍ ନ ୬୫ ଦଶ୍ମିକ୍ ଶୂନ୍/୭, କୋରାପୁଟ୍ ନ ୬୧ ଦଶ୍ମିକ୍ ୪/୩ ଆର୍ ବ୍ରହ୍ମପୁର୍ ନ ୫୮ ପ୍ରତିଶତ୍ ମତଦାନ୍ ହେଇଛେ ।

ପହେଲା ଖେପ୍ ନିର୍ବାଚନ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ପହେଲା ଖେପର୍ ନିର୍ବାଚନ୍ ସମିଆଥି ଡ୍ୟୁଟିଥି ଗୁରୁତର୍ ଅବହେଲା ଲାଗି ୨ ଝନ୍ ପ୍ରିଜାଇଡିଂ ଅଫିସର୍‌ଙ୍କୁ ନିଲମ୍ବନ୍ କର୍‌ବାର୍ ସହେତେ ଗିରଫ୍ କର୍‌ବାର୍‌କେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ୍ ଦେଇଛନ୍ । ଗଞ୍ଜାମ୍ ଜିଲ୍ଲାର୍ ଛତ୍ରପୁର୍‌ର ୨୬ ଆଉ ଶହେ ୬୩ ନମ୍ବର୍ ବୁଥ୍‌ର ପ୍ରିଜାଇଡିଂ ଅଫିସର୍‌ଙ୍କୁ ନିଲମ୍ବନ୍ ଆଉ ଗିରଫ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ । ଇତାର୍‌ସହେତେ ଗୋପାଲ୍‌ପୁର୍‌ର ଶହେ ୯୩ ନମ୍ବର୍ ବୁଥ୍‌ର ପ୍ରିଜାଇଡିଂ ଅଫିସର୍‌ଙ୍କୁ ନିଲମ୍ବନ୍ କର୍‌ବାର୍ ଲାଗି ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ସେ କହିଛନ୍ ।

ସିବିଏସ୍‌ଇ ରିଜଲ୍ଟ        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇ ତର୍‌ଫୁ କରାଯାଇଥିବା ୧୦ ଆର୍ ୧୨ କ୍ଲାସ୍‌ର ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ୧୨ କ୍ଲାସ୍‌ଥି ୮୭ ଦଶ୍‌ମିକ୍ ୯/୮ ପ୍ରତିଶତ୍ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେଇଛନ୍ । ସେନ୍ତା ୧୦ କ୍ଲାସ୍‌ଥି ଝିଅମାନ୍‌କର୍ ପାସ୍ ହାର ୯୪ ଦଶ୍‌ମିକ୍ ୭/୫ ଥିବାର୍ ବେଲେ ପୁଅମାନ୍‌କର୍ ପାସ୍ ହାର ୯୨ ଦଶ୍‌ମିକ୍ ୭/୧ ପ୍ରତିଶତ୍ ରହିଛେ । ଛାତ୍ରଛାତ୍ରୀମାନେ

cbse.gov.in, cbse.nic.in ଆର୍ cbseresults.nic.in ଥି ପରୀକ୍ଷାଫଲ୍ ଦେଖିପାର୍‌ବେ । ଇ ବଛର୍ ଦେଶେ ପାଖାପାଖି ୩୯ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ୧୦ ଆଉ ୧୨ କ୍ଲାସ୍‌ର ପରୀକ୍ଷା ଦେଇଥିଲେ । ତାର୍ ଆଘର୍ ବଛର୍ ବାଗିର୍ ସିବିଏସ୍‌ଇ ତର୍‌ଫୁ ମେରିଟ୍ ଲିଷ୍ଟ ନାଇଁ ବାହାର୍ କରାଯାଇ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସିକରି ପୁରୀ, କଟକ୍ ଆଉ ଅନୁଗୁଲ୍ ନ ଦଲ୍ ତର୍‌ଫୁ ଜନସଭାଥି ଉଦ୍‌ବୋଧନ୍ ଦେବେ । ଇତାର୍‌ଛଡ଼ା ପୁରୀ ନ ସେ ଗୁଟେ ରୋଡ୍‌ସୋ କର୍‌ବେ ବଲି ବିଜେପି ରାଜ୍ୟ ଉପସଭାପତି ଗୋଲକ୍ ମହାପାତ୍ର ସୂଚ୍‌ନା ଦେଇଛନ୍ ।

ସେନ୍ତା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୧୫ ତାରିଖ୍ ଦିନ ରାଉର୍‌କେଲା, ସୋରଡ଼ା ଆର୍ କଂଟାବାଞ୍ଜି ନ ସାଧାରଣ ସଭାଥି ଉଦ୍‌ବୋଧନ୍ ଦେବେ ବଲି ଶ୍ରୀ ମହାପାତ୍ର କହିଛନ୍ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବାର୍ କାର୍ଯ୍ୟକ୍ରମ୍

ରହିଛେ । ସେ ସୁନ୍ଦରଗଡ଼୍, ହିଞ୍ଜିଳି ଆଉ ପଦମ୍‌ପୁର୍ ଠାନେ ଆୟୋଜିତ ନିର୍ବାଚନୀ ସଭାଥି ଯୋଗ୍ ଦେବେ ।

ରାହୁଲ୍ ଗାନ୍ଧୀ- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟିର୍ ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼୍‌ଗେ ଆଏବା ଗୁରୁବାର୍ ଦିନ ଓଡ଼ିଶା ଗସ୍ତଥି ଆସିକରି ଦଲର୍ ନିର୍ବାଚନ୍ ପ୍ରଚାର୍ କାର୍ଯ୍ୟଥି ଯୋଗ୍ ଦେବେ ବଲି ଦଲର୍ ବରିଷ୍ଠ ନେତା ଆଉ କଂଗ୍ରେସ୍‌ର ରାଜ୍ୟପ୍ରଭାରୀ ଅଜୟ କୁମାର୍ କହିଛନ୍ । ଶ୍ରୀ ଖଡ଼୍‌ଗେ କନ୍ଧମାଲ୍ ନ ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ ଆର୍ ଭୁବ୍‌ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଆଡ଼େ କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏବା ୧୫ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସିକରି ବଲାଙ୍ଗିର୍ ଠାନେ ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ ବଲି ଦଲର୍ ରାଜ୍ୟପ୍ରଭାରୀ କହିଛନ୍ ।

ସ୍ୱାସ୍ଥ୍ୟ ବିଜ୍ଞାନ୍ ବିଶ୍ୱବିଦ୍ୟାଲୟ-କୁଲପତି ଆର୍‌ଏନ୍‌ୟୁ/ସମ୍ବଲପୁର

ଅଖିଲ୍ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ - ଏମ୍ସ ର ଶଲ୍ୟ ବିଭାଗ୍‌ର ମୁଖ୍ୟ ପ୍ରଫେସର୍ ମାନସ୍ ରଞ୍ଜନ୍ ସାହୁଙ୍କୁ ଓଡ଼ିଶା

ସ୍ୱାସ୍ଥ୍ୟ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ରାଜ୍ୟପାଲ୍ ଆର୍ କୁଳାଧିପତି ରଘୁବର୍ ଦାସ ନିଯୁକ୍ତି ଦେଇଛନ୍ । ପ୍ରଫେସର୍ ସାହୁ ନୂଆ ପଦ୍‌ବୀଥି ଯୋଗଦାନ୍ ନୁ ୪ ବରସ୍‌ତକ୍ କି ଅନ୍ୟାଦେଶ୍‌ତକ୍ କୁଳପତି ଭାବେ ଅବସ୍ଥାପିତ୍ ରହେବେ ବଲି ଜନାପଡ଼ିଛେ । ପ୍ରଫେସର୍ ସାହୁଙ୍କର୍ ଆୟୁର୍ବିଜ୍ଞାନ୍ ଶିକ୍ଷା କ୍ଷେତ୍ର ନ ୨୬ ବଛ୍‌ରର୍ ଅଭିଜ୍ଞତା ରହିଛେ ।

ଆଇଆଇଏମ୍-ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ଭାରତୀୟ ପ୍ରବନ୍ଧନ୍ ସଂସ୍ଥା- ଆଇଆଇଏମ୍, ସମ୍ବଲ୍‌ପୁର୍ ଆଉ ମୁମ୍ବାଇର ଏମ୍.ଏସ୍.ଇ. ଏକାଡେମୀ ତରଫୁ ପ୍ରଯୁକ୍ତି ନବସୃଜନର ଭବିଷ୍ୟତ୍ ଲାଗି ଆର୍ଥିକ ବୈଷୟିକ ନେତୃତ୍ୱ ବାବ୍‌ଦେ ଗୁଟେ ରାଉଣ୍ଡ ଟେବୁଲ୍ ବୈଠକ୍ ହେଇଯାଇଛେ । ଇଥି ଦେଶ୍ ବିଦେଶ୍‌ର ଅର୍ଥନୈତିକ୍ ବିଶେଷଜ୍ଞମାନେ ଯୋଗ୍ ଦେଇଥିବାର୍ ବେଲେ ଶିଳ୍ପ, ଶିକ୍ଷା ଆଉ ଫିନ୍‌ଟେକ୍ ସଂସ୍ଥାମାନ୍‌କର୍ କର୍ମକର୍ତାମାନେ ସାମିଲ୍ ହେଇଥିଲେ । ଆଇଆଇଏମ୍ ନିର୍ଦ୍ଦେଶକ୍ ମହାଦେଓ ଜୟସ୍‌ୱାଲ୍ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ଥିଲେ ।

ପ୍ରୋଜେକ୍ଟ ସମ୍ବନ୍ଧ-ସୈନିକ୍ ସୂଚନା, ଲୋକସମ୍ପର୍କ ବିଭାଗ୍

ଭାରତୀୟ ସେନାବାହିନୀ ତର୍ଫୁ 'ପ୍ରୋଜେକ୍ଟ- ସମ୍ବନ୍ଧ' ଅଭିଯାନ୍ ମୁଲ୍ କରାଯାଇଛେ । ଯୁଦ୍ଧଥି ମୃତାହତ ହେଇଥିବା ସୈନିକ୍ ଆଉ ବ୍ୟକ୍ତି ବିଶେଷଙ୍କର୍ ଆତ୍ମୀୟ ଆର୍ ନିକଟ ସମ୍ପର୍କୀୟଙ୍କର୍ ସହେତେ ସମ୍ପର୍କ ସ୍ଥାପନ୍ ଇ ଅଭିଯାନ୍‌ର ଲକ୍ଷ୍ୟ ଆଏ । ଖାସ୍ କରି ମୃତ ଆଉ କ୍ଷତିଗ୍ରସ୍ତ ସୈନିକ୍‌ମାନ୍‌କର୍ ମା ଆଉ ପତ୍ନୀଙ୍କୁ ବୀର ନାରୀ, ବୀରମାତା ଅଭିହିତ କରାଯାଇକରି ଅଭିଯାନ୍ ଜରିଏ ସେମାନ୍‌କର୍ ସହେତେ ଯୋଗାଯୋଗ ରକ୍ଷା ଲାଗି ଉଦ୍ୟମ୍ କରାଯାଇଛେ । ଇ ବାବ୍‌ଦେ ମୋବାଇଲ୍ ନମ୍ବର୍ ୯୦୯୧୨-୫୨୧୭୭, ଫୋନ୍ ନମ୍ବର୍ ୦୬୭୪-୨୩୯୧୦୧୧ ଆଉ ଇମେଲ୍ stnhqbbsr@gmail.com ଥି ଯୋଗାଯୋଗ୍ କର୍‌ବାର୍‌କେ ଅନୁରୋଧ୍ କରାଯାଇଛେ ।

ରେଲ୍‌ବାଇ-କ୍ରୀଡ଼ା ସମ୍ବଲପୁର ସମ୍ବାଦଦାତା

ଦକ୍ଷିଣ ପୂର୍ବ ରେଲ୍‌ବାଇର ସମ୍ବଲ୍‌ପୁର୍ ଡିଭିଜନ୍ ଠାନେ ଆନ୍ତଃବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା ହେଇଯାଇଛେ । କ୍ରିକେଟ୍‌ଥି ଆର୍‌ପିଏଫ୍ ଏକାଦଶ କେ ହରେଇକରି ବିଦ୍ୟୁତ୍

ପରିଚାଳନା ବିଭାଗ୍ ଚାମ୍ପିଆନ୍ ହେଇଛେ । ଭଲିବଲ୍‌ଥି ଯାନ୍ତ୍ରିକ ଟିମ୍ ଚାମ୍ପିଅନ୍ ଆଖ୍ୟା ହାସଲ୍ କରିଥିବାର୍ ବେଲେ ଆର୍‌ପିଏଫ୍ ଟିମ୍ ରନର୍ସ ହେଇଥିଲେ । ରେଲ୍‌ଡିଭିଜନ୍ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ କୃତୀ ଖେଲାଲୀ ଆଉ ଟିମ୍ ମାନ୍‌କୁ ପୁରସ୍କାର୍ ଦେଇଥିଲେ ।

ଆଇଆଇଟି ଖଡ଼ଗଡ୍‌ପୁର୍- ଆଂଚଲିକ ବିତିୟ ପ୍ରତିଷ୍ଠାନ୍ ପ୍ରଶିକ୍ଷଣ୍

ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ପବ୍ଲିକ୍ ଫାଇନାନ୍ସ ମେଜେନ୍‌ମେଂଟ୍ କ୍ଷେତ୍ର ନ ପ୍ରଶିକ୍ଷଣ୍ ପ୍ରଦାନ୍ କରୁଥିବା ମଧୁସୂଦନ୍ ଦାସ ଆଂଚଲିକ୍ ବିତିୟ ପରିଚାଲନା ପ୍ରତିଷ୍ଠାନ୍ ଆଉ ଆଇ.ଟି. ଖଡ଼ଗ୍‌ପୁର୍ ସାହାଜିଥି ଫିନ୍‌ଟେକ୍, ଆର୍ଟିଫିସିଆଲ୍ ଇଂଟଲିଜେନ୍ସ ବାଗିର୍ ବିଷେ ଉପ୍‌ରେ ୪ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ କାର୍ଯ୍ୟକ୍ରମ୍ ଜରିଏ ବରିଷ୍ଠ ରାଜସ୍ୱ ଅଧିକାରୀମାକୁ ଫାଇନାନ୍ସିଆଲ୍, ଡିଜିଟାଲ୍ ଫାଇନେନ୍ସ, ଡାଟା ମାଇନିଂ, ଡାଟା ଏନାଲିସିସ୍, ପରିସଂଖ୍ୟାନ୍ ବିତରଣ, ଆର୍ଥିକ ଠକାମୀ, ଇକୋନୋମେଟ୍ରିକ୍ସ ବାବ୍‌ଦେ ତାଲିମ୍ ଦିଆଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ଆର୍ଥିକ୍ କ୍ଷେତ୍ର ନ ସମ୍ଭାବ୍ୟ ଠକେଇକେ ଚିହ୍ନଟ୍ କର୍‌ବାର୍ ଆର୍ ସନ୍ଦେହଜନକ୍ ଆର୍ଥିକ୍ କାର୍ଯ୍ୟକଲାପ୍‌କେ ରୁକ୍‌ବାର୍ ଦକ୍ଷତା ବଢ଼ାବାର୍

ସହେତେ ସ୍ୱଚ୍ଛତା ଆଉ ନିଷ୍ପତି ଗ୍ରହଣ କେ ତୁରତି କର୍‌ବାର୍ ଲକ୍ଷ୍ୟ ନେଇକରି ଇ ପ୍ରଶିକ୍ଷଣ୍ ଶିବିର୍ କରାଯାଉଛେ ।

ଝାର୍‌ସୁଗୁଡ଼ା ନିର୍ବାଚନ୍ ପର୍ଯ୍ୟବେକ୍ଷକ ଆର୍‌ଏନ୍‌ୟୁ/ କଟକ୍

ଝାର୍‌ସୁଗୁଡ଼ା ନ ହେବାର୍‌କେ ଥିବାର୍ ନିର୍ବାଚନ୍ ଲାଗି ନିୟୋଜିତ ମାଇକ୍ରୋ ପର୍ଯ୍ୟବେକ୍ଷକ୍ ମାନ୍‌କୁ ତାଲିମ୍ ଦିଆଯାଇଛେ । ସାଧାରଣ ପର୍ଯ୍ୟବେକ୍ଷକ ଜେ.ମଞ୍ଜୁନାଥ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ରହିକରି ନିର୍ବାଚନ୍‌ଥି ମାଇକ୍ରୋ ପର୍ଯ୍ୟବେକ୍ଷକ ମାନ୍‌କର୍ ଭୂମିକା ଆର୍ ଦାୟିତ୍ୱ ବାବ୍‌ଦେ ଜୋର୍ ଦେବାର୍ ସହେତେ ମୁକ୍ତ, ଅବାଧ ଆଉ ଶାନ୍ତିପୂର୍ଣ୍ଣ ନିର୍ବାଚନ୍ ପରିଚାଳନା ଲାଗି ଯତ୍ନବାନ୍ ହେବାର୍‌କେ ପରାମର୍ଶ ଦେଇଥିଲେ ।

ପୁଲିଂ ବୁଥ୍‌ଥି ରେମ୍ପ, ପିଇବାର୍ ପାଏନ୍, ବିଜ୍‌ଲି, ଶୌଚାଳୟ ବାଗିର୍ ସୁବିଧା ଆଉ ମକ୍ ପୁଲିଂ ବ୍ୟବସ୍ଥା ବାବ୍‌ଦେ ଥିବାର୍ ଭିନ୍ ଭିନ୍ ନିର୍ଦ୍ଦେଶିକାକେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଛେ କି ନାଇଁ, ଇ ସବୁର ସଠିକ୍ ଅନୁଧ୍ୟାନ୍ ଲାଗି ମାଇକ୍ରୋ ଅବ୍‌ଜରଭର୍ ମାନ୍‌କୁ ପ୍ରଶିକ୍ଷଣ୍ ଦିଆଯିବା । ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଉ ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନରଓ୍ୱଣେ ନିର୍ବାଚନ୍ ଆୟୁକ୍ତଙ୍କର୍ ଦ୍ୱାରା ଧାରିଜ୍

ନିର୍ଦ୍ଦେଶାବଳୀ ମାନ୍‌କର୍ ସଠିକ୍ ଅନୁପାଳନ୍ ଲାଗି ପରାମର୍ଶ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ପୂର୍ବ ଝାର୍‌ଖଣ୍ଡ୍ ଆର୍ ଆଖର୍‌ପାଖର୍ ଇଲାକା ନ ଘୂର୍ଣ୍ଣିବଳୟ ଦେଖାଦେଇଥିବାର୍‌ନୁ ଆଏବାକାଏଲ୍ ରାଜ୍ୟର୍ କେତେଟା ଜିଲ୍ଲ ନ ଜବର୍ ଧୁକାଧନ୍ଦି ହେଇକରି ବିଜ୍‌ଲି ମାର୍‌ବା । ହେନ୍ତା ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଉତର୍ ଓଡ଼ିଶା ଆଉ ଦକ୍ଷିଣ ଓଡ଼ିଶାର୍ ଭିତ୍‌ରିଆ ଇଲାକା ନ ତାତି କମିଛେ । ସମୁଦ୍ରକୁଲିଆ ଜିଲ୍ଲାମାନ୍‌କେ ସ୍ୱାଭାବିକ୍‌ନୁ କମ୍ ତାତି ରହିଥିବାର୍ ବେଲେ ରାଜ୍ୟର୍ ଅଲ୍‌ଗା ଜିଲ୍ଲାମାନ୍‌କେ ପାଣିପାଗ୍ ସ୍ୱାଭାବିକ୍ ରହିଛେ । ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର୍ ନ ଆଏବା କାଏଲ୍ ଘଂଟାକ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସହେତେ ବିଜ୍‌ଲି ମାର୍‌ବା । ହେଥିର୍‌ଲାଗି ଇ ଜିଲ୍ଲାମାନ୍‌କେ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।